# Akashvani, Sambalpur

## SAMBALPURI NEWS BULLETIN

### 19 October 2025 – 6.47- 6.52 am.

*********************************************

ରାଜ୍ୟପାଲ୍- ବେଙ୍କର୍ କାର୍ଯ୍ୟବଳୀ ସମୀକ୍ଷା    I&PR

ବେଙ୍କର୍ ମାନେ ସହାନୁଭୂତିଶୀଳ ହେଇକରି ଭିନ୍ ଭିନ୍ ଯୋଜ୍ନାଥି ହିତାଧିକାରୀମାନ୍କୁ ବହୁତ୍ ସଂଖ୍ୟାଥି ସାମିଲ୍ କର୍ବାର୍କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ପରାମର୍ଶ ଦେଇଛନ୍ । ଗଲାକାଏଲ୍ ରାଜ୍ଭବନ୍ର ନ୍ୟୁ ଅଭିଷେକ୍ ହଲ୍ ଠାନେ ବେଙ୍କର୍ ମାନ୍କର୍ କାର୍ଯ୍ୟବଳୀ ସମୀକ୍ଷା କର୍ବାର୍ ଅବ୍ସରେ ରାଜ୍ୟପାଲ୍ ହିତାଧିକାରୀମାନ୍କର୍ ଜୀବନ୍ ଜୀବିକାର୍ ଉନ୍ନତି ଲାଗି ଲୋକାଭିମୁଖୀ ଯୋଜ୍ନା ମାନ୍କୁ ତହଁକାବାର୍କେ ଆହ୍ୱାନ୍ ଦେଇଛନ୍ । ବେଙ୍କ୍ ମାନ୍କୁ ସାର୍ବଜନୀନ କଭ୍ରେଜ୍ ଲାଗି ଲକ୍ଷ୍ୟ ରଖିବାର୍କେ ଆଉ ଇ ଯୋଜ୍ନାମାନ୍କେ କମ୍ସେ କମ୍ ୮୦ ପ୍ରତିଶତ୍ ସଂଚୟ ଖାତା ଧାରକମାନ୍କୁ ସାମିଲ୍ କରାବାର୍ ଲାଗି ରାଜ୍ୟପାଲ୍ କହିଛନ୍ । ବୈଠକ୍ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ଉନ୍ନୟନ୍ କମିଶନର୍ ଅନୁ ଗର୍ଗ, ଅଲ୍ଗା ବିଭାଗ୍ର ପ୍ରମୁଖ ଶାସନ୍ ସଚିବ ଆଉ ରାଏଜେ କାମ୍ କରୁଥିବା ମୁଖିଆ ବେଙ୍କ୍ମାନ୍କର୍ ମୁଖ୍ୟମାନେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି      ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍ଗା ଜରୁରୀ କାମ୍ ଥିବାର୍ନୁ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ଆଏବା ଅଭିଯୋଗ୍ ଶୁଣାଣିର୍ ତାରିଖ୍ ସମ୍ବାଦ୍ପତ୍ର ଜରିଏ ସାଧାରଣ୍ ଲୁକ୍କୁ ଜନେଇ ଦିଆଯିବା ।

ନାମାଙ୍କନ୍ ପତ୍ର ଦାଖଲ୍      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଉପ ନିର୍ବାଚନ୍ ଲାଗି ଗଲାକାଏଲ୍ ୪ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ବିଜେପି ପ୍ରାର୍ଥୀ ଜୟ ଢୋଲକିଆ, କଂଗ୍ରେସ୍ ପ୍ରାର୍ଥୀ ଘାସିରାମ୍ ମାଝୀ, ଓଡ଼ିଶା ଜନତା ଦଳ ପ୍ରାର୍ଥୀ ସୁକଦେବ୍ ଦଣ୍ଡସେନା ଆଉ ସ୍ୱାଧୀନ୍ ପ୍ରାର୍ଥୀ ପୁରୁଷୋତମ୍ ବେହେରା ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ । ଗଲାକାଏଲ୍ତକ୍ ୫ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଥିବାର୍ ଜନାପଡ଼ିଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ମାସର୍ ୧୧ ତାରିଖ୍ ନୂଆପଡ଼ା ଉପ ନିର୍ବାଚନ୍ ହେବା । ଇଥିର୍ଲାଗି ଆଏବା କାଏଲ୍ ନାମାଙ୍କନ୍ ପତ୍ରର୍ ଶେଷ୍ ତାରିଖ୍ ରଖାଯାଇଛେ ।

ପୁରୀ ଶ୍ରୀମନ୍ଦିର୍- ଧାଡ଼ିଦର୍ଶନ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

କାର୍ତିକ୍ ମାସ୍ ଶେଷ୍ ହେବାର୍ ୧୫ ଦିନ୍ ଉତ୍‌ରୁ ପୁରୀ ଶ୍ରୀମନ୍ଦିର୍ ନ ଧାଡ଼ି ଦର୍ଶନ୍ ମୁଲ୍ ହେବା । ପରୀକ୍ଷାମୂଲକ୍ ଭାବେ ଇ ବ୍ୟବସ୍ଥାା ମୁଲ୍ ହେବା ଆଉ ଦର୍‌କାର୍ ହେଲେ ଇଥି ସଂଶୋଧନ୍ ଭିଲ୍ କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଶ୍ରଦ୍ଧାଳୁମାନେ ନାଟମଣ୍ଡପ୍ ନ ନୂଆଁ ଧାଡ଼ି ଦର୍ଶନ୍ ବ୍ୟବସ୍ଥା ଉତ୍‌ରୁ ଆରାମ୍‌ରେ ମାହାପୁରୁମାନ୍‌କର୍ ଦର୍ଶନ୍ କରିପାର୍‌ବେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । କାର୍ତିକ୍ ମାସ୍ ଲାଗି ଶ୍ରୀମନ୍ଦିର୍ ନ ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍ ରହିଥିବାର୍‌ନୁ ନୂଆଁ ଧାଡ଼ିଦର୍ଶନ୍ ବ୍ୟବସ୍ଥାକେ ପରୀକ୍ଷାମୂଲକ୍ ଭାାବେ ମୁଲ୍ କରାଯାଇନାଇଁପାର୍‌ବାର୍ । ସେନ୍ତା ରତ୍ନଭଣ୍ଡାର୍ ନ ଅଲଙ୍କାର୍  ମାନ୍‌କର୍ ଗନ୍‌ତି ମନ୍‌ତି ଭିଲ୍  କାର୍ତିକ୍ ମାସ୍ ଉତ୍‌ରୁ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦ୍‌ନ୍ ସୂଚ୍‌ନା ଦେଇଛନ୍ ।

ସିଟି ପରୀକ୍ଷା-ବାତିଲ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ଆଏବା ୨୦ ତାରିଖ୍ ସୋମ୍‌ବାର୍ ଦିନ ହେବାର୍‌କେ ଥିବା ଡିପ୍ଲୋମା ଇନ୍ ଏଲିମେଂଟାରୀ ଏଜୁକେସନ୍ -

ଡିଏଲ୍ଇଡ଼ି ପରୀକ୍ଷାକେ ବାତିଲ୍ କରାଯାଇଛେ । ୨୦ ତାରିଖ୍ ଦିଆଲି ଲାଗି ସର୍କାରୀ ଛୁଟି ଘୋଷ୍ନା ହେଇଥିବାର୍ନୁ ବୋର୍ଡ଼ ତର୍ଫୁ ଇ ନିଷ୍ପତି ନିଆଯାଇଛେ । ଇ ପରୀକ୍ଷା ଆଏବା ୨୯ ତାରିଖ୍ ବୁଧବାର୍ ଦିନ କରାଯିବା ବଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ ସୂଚ୍ନା ଦେଇଛନ୍ ।

ତମାଖୁ ମୁକ୍ତ ଅଭିଯାନ          ଆର୍ଏନ୍ୟୁ/ ସମ୍ବଲପୁର

ଯୁଆନ୍ ପିଢ଼ିର୍ ଲାଗି ସର୍କାର୍ଙ୍କର୍ ତର୍ଫୁ ମୁଲ୍ ହେଇଥିବା ତମାଖୁ ମୁକ୍ତ ଅଭିଯାନ୍ର ୩ ନମ୍ବର୍ ଖେପ୍ ଲାଗି ଦେବ୍ଗଡ଼୍ ଜିଲ୍ଲାପାଲଙ୍କ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାାହୁ ବୈଠକ୍ଥି ଅଧକ୍ଷତା କରିଥିବାର୍ ବେଲେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ୍ ଅନୀଲ୍ କୁମାର୍ ମିଶ୍ର ଆଉ ଅଲ୍ଗାା ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଇ ଅବ୍ସରେ ନିଶାମୁକ୍ତ ଭାରତ୍ ଗଠନ୍ ଲାଗି ଯୁଆନ୍ ପିଢ଼ିଙ୍କୁ ଇ ତମାଖୁ ମୁକ୍ତ ଅଭିଯାନ୍ଥି ସାାମିଲ୍ କର୍ବାର୍ ଲାଗି ଜିଲ୍ଲା ସାରା ସଚେତନତା କାର୍ଯ୍ୟକ୍ରମ୍ ମାନ୍ କର୍ବାର୍କେ ଜିଲ୍ଲାପାଲ୍ ଅଧିକାରୀମାନ୍କୁ ପରାମର୍ଶ ଦେଇଥିଲେ ।

ସମ୍ବଲପୁର୍-ଯୋଗ ପ୍ରତିଯୋଗିତା          ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲପୁର୍ ଜିଲ୍ଲା ବିଦ୍ୟାଳୟ ସମୂହ ସନ୍ତରଣ ଆଉ ଯୋଗ ପ୍ରତିଯୋଗିତା ଗଲାକାଏଲ୍ ଡକ୍ଟର୍ ଝସ୍କେତନ୍ ସାହୁ ସନ୍ତରଣାଗାର ନ ଉଦ୍ଯାପିତ୍ ହେଇଯାଇଛେ । ପ୍ରତିଯୋଗିତାଥି ଶହେ ୬ ଝନ୍ ପ୍ରତିଯୋଗୀ ଭାଗ୍ ନେଇଥିଲେ । ଉଦ୍ଯାପନୀ ଉତ୍ସବ୍‌ଥି ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିବାର୍ ବେଲେ ଅଲ୍‌ଗା ଅତିଥିମାାନେ ଯୋଗ୍ ଦେଇକରି ଖେଲ୍‌ର ମହତ୍ୱ ବାବ୍‌ଦେ ଛାତ୍ରଛାତ୍ରୀମାନ୍‌କୁ ସୂଚ୍‌ନା ଦେଇଥିଲେ ।

ସହର୍ ବିକାଶ୍ ଯୋଜ୍‌ନା-ଦେବ୍‌ଗଡ଼୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍‌ଥି ଦେବ୍‌ଗଡ଼୍ ସହର୍‌କେ ଅତ୍ୟାଧୁନିକ୍ ପଦ୍ଧତିଥି ସ୍ୱଛ୍ଛ ଆଉ ସୁନ୍ଦର୍ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଆଉ ଦେବ୍‌ଗଡ଼୍ ମ୍ୟୁନିସିପାଲ୍‌ଟି ଭିତ୍‌ରେ ଗୁଟେ ଶହେ ଦିନିଆ ଏମ୍‌ଓୟୁ ସ୍ୱାକ୍ଷରିତ୍ ହେଇଛେ । ଦୁହି ଆଡୁ ଖାସ୍ ନୋଡ଼ାଲ୍ ଅଫିସର୍ ନିଯୁକ୍ତି ହେବାର୍ ସହେତେ ସ୍ୱଚ୍ଛତା ବାବଦ୍ ଯୋଜ୍‌ନା ତୃଣମୂଲ୍‌ସ୍ତର୍ ନ କାର୍ଯ୍ୟକାରୀ କର୍‌ବାର୍ ସହେତେ ସ୍ୱଚ୍ଛ କର୍ମଚାରୀ ଆଉ ସ୍ୱେଚ୍ଛାସେବୀ ମାନ୍‌କୁ ଦର୍‌କାରୀ ଜ୍ଞାନ୍‌କୌଶଲ୍ ଆଉ ପରିଚାଲନା ଲାଗି ତାଲିମ୍ ଆଉ ତଦାରଖ୍ କରାଯିବାର୍‌କେ ଚୁକ୍ତିଥି ଉଲ୍ଲେଖ ରହିଛେ । ସର୍‌କାର୍‌ଙ୍କର୍ ସ୍ୱଚ୍ଛ ସହର୍ ଯୋଡ଼ି କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଦେବ୍‌ଗଡ଼୍

ମ୍ୟୁନିସିପାଲ୍‌ଟି ଲାଗି ପାଖାପାଖି ୬ କୋଟି ଟଙ୍କାର୍ ଖାସ୍ ଅନୁଦାନ୍ ମଞ୍ଜୁର୍ କରାଯାଇଥିବାର୍ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ଆଉ ତାକେ ଲାଗି କରି ଥିବା ଦକ୍ଷିଣ-ପୂର୍ବ ବଙ୍ଗୋପ୍‌ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ମଙ୍ଗଲ୍‌ବାର୍‌ତକ୍ ଗୁଟେ ଲଘୁଚାପ୍ କ୍ଷେତ୍ର ବନିପାରେ । ଇ ଲଘୁଚାପ୍ ପଶ୍ଚିମ୍- ଉତର୍-ପଶ୍ଚିମ ଦିଗ୍ ଆଡ଼େ ଯାଇକରି ଅଏତ୍‌କା ଘନୀଭୂତ୍ ହେଇକରି ଅବପାତ୍‌ର ରୂପ୍ ନେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି, ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ଲାଗି ସମୁଦ୍ରଖଁଡ଼ି ଇଲାକା ଆଉ ବୌଦ୍ଧ, କଲାହାଣ୍ଡି ସହେତେ ୯ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।